# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 06 November – 2025

*************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପି ସ୍ମାରକୀ ସମାରୋହର ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମତଦାନ ଜାରି

– ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଚାଲିଛି ପ୍ରଚାର

- ଭାରତର ରାଜମାର୍ଗ ଓ ଭବିଷ୍ୟତ ବିଷୟବସ୍ତୁକୁ ନେଇ ଆସନ୍ତାକାଲିଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଏବଂ

- ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ଶୁଷ୍କ, ଥଣ୍ଡା ପବନ ପ୍ରଭାବରେ ରାଜ୍ୟରେ ଶୀତ ଅନୁଭୂତ

# ବନ୍ଦେ ମାତରମ୍

ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"କୁ ଆସନ୍ତାକାଲି ୧୫୦ ବର୍ଷ ପୂରଣ ହେବାକୁ ଯାଉଛି । ନୂଆଦିଲ୍ଲୀଠାରେ ଆସନ୍ତାକାଲି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ଷ ବ୍ୟାପି ସ୍ମାରକୀ ସମାରୋହର ଉଦ୍‌ଘାଟନ କରିବେ। ଦେଶର ଯୁବବର୍ଗଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଦେଶର ୧୫୦ଟି ସ୍ଥାନରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହିକ୍ରମରେ ରାଜ୍ୟର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଏବଂ ରାଉରକେଲାରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ଏହି ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଗତମାସ ୧ ତାରିଖରେ ମଞ୍ଜୁରୀ ପ୍ରଦାନ କରିଥିଲେ । ଆସନ୍ତାକାଲି ଏହି ଅବସରରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ହେବା ସହିତ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ ଓ ମୁଦ୍ରାର ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ସୂଚନା ଅନୁସାରେ ବଙ୍କୀମ୍ ଚନ୍ଦ୍ର ଚାଟ୍ଟାର୍ଜୀ ୧୮୭୫ ମସିହାରେ "ବନ୍ଦେ ମାତରମ୍" ଗୀତର ରଚନା କରିଥିଲେ । ଏହି ଗୀତକୁ ମା' ଦୁର୍ଗାଙ୍କୁ ଭାରତମାତାଙ୍କ ଅବତାର ସହ ତୁଳନା କରି ରଚନା କରାଯାଇଛି।

# ବିହାର ପୋଲିଂ

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମତଦାନ ଜାରି ରହିଛି । ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ଆଜି ଭୋଟ୍‌ଗ୍ରହଣ କରାଯାଉଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତେବେ ସୁରକ୍ଷାଗତ କାରଣରୁ କେତୋଟି ବିଧାନସଭା ମଣ୍ଡଳୀର ୫୬ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ସଂଧ୍ୟା ୫ଟାରେ ମତଦାନ ଶେଷ ହେବ ବୋଲି ଜଣାପଡିଛି । ପ୍ରାଥମିକ ସୂଚନା ଅନୁଯାୟୀ ଦିନ ଗୋଟାଏ ସୁଦ୍ଧା ୪୨ ଦଶମିକ ୩/୧ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ଲାଗି ୪୫ହଜାର ୩୪୧ଟି ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯାଉଛି ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଏହି ପର୍ଯ୍ୟାୟରେ ଆସନ୍ତା ୧୧ ତାରିଖରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ମତଗ୍ରହଣ କରାଯିବ ।

# ନୂଆପଡ଼ା ନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର ଜାରି

ରହିଛି। ବରିଷ୍ଠ ରାଜନୈତିକ ନେତାମାନେ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ମତଦାତାମାନଙ୍କୁ ଆକୃଷ୍ଟ କରିବା ଲାଗି ନିର୍ବାଚନ ପ୍ରଚାର ଚଳାଇଛନ୍ତି।

ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ରିପୋର୍ଟ....

**- V/O –**

Desk

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଚର୍ତୁଦିବସୀୟ ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଆସନ୍ତାକାଲିଠାରୁ ଆରମ୍ଭ ହେବ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହାର ଶୁଭାରମ୍ଭ କରିବେ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ୍ ହେବାର କାର୍ଯ୍ୟସୂଚୀ ରହିଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଭାରତର ରାଜମାର୍ଗ, ଭାରତର ଭବିଷ୍ୟତ'।

ଷଷ୍ଠଥର ପାଇଁ ଓଡ଼ିଶାରେ ହେବାକୁ ଥିବା ଏହି ସଡ଼କ ମହାପର୍ବରେ ଭାରତର ସଡ଼କ ଭିତ୍ତିଭୂମିକୁ ନେଇ ଜ୍ଞାନ ଆଦାନ ପ୍ରଦାନ କରାଯିବ। ଏଥିରେ ବିଭିନ୍ନ ଅଧିବେଶନର ଆୟୋଜନ କରାଯାଇଛି। ସମଗ୍ର ଦେଶରେ ହୋଇଥିବା ଅତ୍ୟାଧୁନିକ ଗବେଷଣା, ସୃଜନପଦ୍ଧତି, ଶିଳ୍ପ କ୍ଷେତ୍ରରେ ହୋଇଥିବା ଉତ୍କର୍ଷ ପ୍ରତି ବିଶେଷଜ୍ଞମାନେ ସମ୍ମିଳନୀରେ ଉପସ୍ଥାପନ କରିବେ। ସଡ଼କ ସମ୍ବନ୍ଧୀୟ ବିଭିନ୍ନ ଦ୍ୱନ୍ଦ୍ୱ ଏବଂ ସମସ୍ୟାର ଦୂର କରିବା

ପାଇଁ ନୀତିନିର୍ଦ୍ଧାରକ ଓ ବୃତ୍ତିଧାରୀମାନେ ପରାମର୍ଶ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ୩ ହଜାର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଭାଗୀ ଯୋଗଦେବେ ବୋଲି ଜଣାପଡ଼ିଛି। ରାଜପଥ ନିର୍ମାଣ ଯନ୍ତ୍ରୀ, ଯୋଜନାକାରୀ, ନୀତି ନିର୍ଦ୍ଧାରକ ଏବଂ ନବନିର୍ମାତାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରାଜ୍ୟ ନିର୍ମାଣ ବିଭାଗ ପକ୍ଷରୁ କୁହାଯାଇଛି । ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ପାରମ୍ପରିକ କଳା ଓ ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

Desk

## ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବାଲେଶ୍ୱର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତିକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। ଶ୍ରୀମତୀ ପରିଡ଼ା’ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି।

Desk

# ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକର ଆଜି ଦ୍ୱିତୀୟ ଦିନ। ଆଜି ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ

ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ପ୍ରଥମଥର ପାଇଁ ବାଲିଯାତ୍ରାରେ ଇଣ୍ଡୋନେସିଆ ସହଭାଗୀ ରାଷ୍ଟ୍ର ଭାବେ ଅଂଶଗ୍ରହଣ କରିଛି । ଚଳିତଥର ବାଲିଯାତ୍ରାରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି । ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ୧୬ ଶହରୁ ଅଧିକ ଷ୍ଟଲ୍ ପଡିଛି । ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି ।

BBSR/R

## ସୁଭଦ୍ରା ଶକ୍ତିମେଳା

ଭୁବନେଶ୍ୱର ଇଡ୍‌କୋ ପଡ଼ିଆଠାରେ ଚାଲିଥିବା ସୁଭଦ୍ରା ଶକ୍ତିମେଳାରେ ମିଲେଟ୍ ଉତ୍ପାଦ ବିକ୍ରୟ ପରିମାଣ ୨ କୋଟି ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବା ସୂଚନା ମିଳିଛି । 'ମିଲେଟ ଉତ୍ପାଦ, ମହିଳା ସଶକ୍ତୀକରଣ ଓ ଓଡ଼ିଶାର ଗ୍ରାମ୍ୟ ସ୍ୱାଦ'କୁ ନୂତନ ପରିଚୟ ପ୍ରଦାନ କରିଛି । ସହରବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇବା ଦିଗରେ ସେମାନଙ୍କର ଆଗ୍ରହ ବୃଦ୍ଧିକୁ ଏହା ଦର୍ଶାଉଛି । ସୁଭଦ୍ରା ଶକ୍ତିମେଳା ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବଜାର ସୃଷ୍ଟି କରିବା, ଉପଭୋକ୍ତାମାନଙ୍କ ସହିତ ପ୍ରତ୍ୟକ୍ଷ ସଂଯୋଗ ସ୍ଥାପନ କରିବା ଏହି ମେଳାର ପ୍ରମୁଖ ଲକ୍ଷ୍ୟ ରହିଛି । ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା,

କଟକ, ଖୋର୍ଦ୍ଧା ଆଦି ଜିଲ୍ଲାର ମହିଳା ଉଦ୍ୟୋଗୀମାନେ ରାଗି, ମିଲେଟ୍ ଓ ବାଜରାକୁ ବ୍ୟବହାର କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଏହି ମେଳାରେ ବିକ୍ରି କରୁଛନ୍ତି।

Desk

## ଅନ୍ତର୍ଜାତୀୟ ଦିବସ

ପରିବେଶ ଉପରେ ଯୁଦ୍ଧର ବିନାଶକାରୀ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରାକୃତିକ ସମ୍ପଦର ସୁରକ୍ଷା ଉପରେ ଧ୍ୟାନ ଦେବା ଉଦ୍ଦେଶ୍ୟରେ 'ଯୁଦ୍ଧ ଓ ସଶସ୍ତ୍ର ସଂଘର୍ଷରେ ପରିବେଶ କ୍ଷୟକ୍ଷତି ରୋକିବା ସଂକ୍ରାନ୍ତ' ଆନ୍ତର୍ଜାତୀୟ ଦିବସ ଆଜି ପାଳନ କରାଯାଉଛି। ଯୁଦ୍ଧଦ୍ୱାରା ହେଉଥିବା ପ୍ରଦୂଷଣ, ଜଙ୍ଗଲକ୍ଷୟ ଆଦି ପରିବେଶ କ୍ଷତି ରେକିବା ଏବଂ ପ୍ରାକୃତିକ ସମ୍ପଦକୁ ସୁରକ୍ଷା ଦେବା ଏହି ଦିବସ ପାଳନର ଲକ୍ଷ୍ୟ ରହିଛି। ଏ ଦିବସରେ ଆନ୍ତର୍ଜାତୀୟ ପ୍ରୟାସକୁ ପ୍ରୋତ୍ସାହିତ କରିବା ସହ ଶାନ୍ତି ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ।

Nabarangpur

## ପର୍ଯ୍ୟଟନସ୍ଥଳୀ ବିକାଶ

ନବରଙ୍ଗପୁର ଜିଲ୍ଲାର ୧୦ଟି ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୭୮ କୋଟି ୪୬ ଲକ୍ଷ ଟଙ୍କା ଯୋଜନା ଅଟକଳ ପ୍ରସ୍ତୁତ କରାଯାଇ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି। ସମ୍ପୃକ୍ତ ବ୍ଲକର ଅଧିକାରୀମାନେ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଖର୍ଚ୍ଚ ଆକଳନ କରି ଜିଲ୍ଲା ପର୍ଯ୍ୟଟନ ବିଭାଗକୁ

ପ୍ରଦାନ କରିଛନ୍ତି । ନବରଙ୍ଗପୁର' ହିଲି ପର୍ଯଟନସ୍ଥଳୀ ପାଇଁ ୫ କୋଟି, ଝରିଗାଁ ବ୍ଲକ ସାଇଧାରା ପର୍ଯ୍ୟଟନସ୍ଥଳୀ ପାଇଁ ୫ କୋଟି, ଗୋସାଇଁଧାରା ପାଇଁ ୨ କୋଟି ୧୨ ଲକ୍ଷ, ଚନ୍ଦାହାଣ୍ଡି ବ୍ଲକର ଭଇରାଘୁମର ପାଇଁ ୧ କୋଟି ୪୭ ଲକ୍ଷ, ନନ୍ଦାହାଣ୍ଡି ବ୍ଲକ ଭଣ୍ଡାରଘରଣ ମନ୍ଦିର ପାଇଁ ୪ କୋଟି ୩୬ ଲକ୍ଷ ଖର୍ଚ୍ଚ ଆକଳନ କରାଯାଇଛି ।

Nabarangpur

## ସାଇବର ସଚେତନତା

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାଠାରେ ସାଇବର ସଚେତନତା ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାଇବର ସୁରକ୍ଷା ସଚେନତା ରଥ ନଗର ପରିକ୍ରମା କରିବା ସହ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ।

BHK/Nayagarh

## ଛାୟା ସଂସଦ ଅଧିବେଶନ

ନୟାଗଡ଼ ଜିଲ୍ଲାର ୮ଟି ବ୍ଲକର ପିଏମ୍‌ଶ୍ରୀ ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କ ସହଭାଗିତାରେ ଏକ ଛାୟା ସଂସଦ ଅଧିବେଶନ ଆୟୋଜିତ ହୋଇଯାଇଛି । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଲୋକତନ୍ତ୍ର, ସଂସଦୀୟ ପ୍ରଣାଳୀ ଏବଂ ରାଜନୀତି ବିଜ୍ଞାନ ସଂକ୍ରାନ୍ତ ଜ୍ଞାନକୁ ବ୍ୟବହାରିକ ଅନୁଭବ ମାଧ୍ୟମରେ ବିକଶିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି । କାର୍ଯ୍ୟକ୍ରମରେ

୧୩ଟି ପିଏମ୍‌ଶ୍ରୀ ବିଦ୍ୟାଳୟରୁ ୧୦୪ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ।

ଭଦ୍ରକ ଜିଲ୍ଲା ସ୍କୁଲଠାରେ ହାଇସ୍କୁଲସ୍ତରୀୟ ଚାୟା ସଂସଦ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ସଂସଦ ଭବନରେ ସମ୍ବିଧାନର ନିୟମ ଅନୁପାଳନ କରି ଦେଶ ଓ ରାଜ୍ୟର ନେତୃତ୍ୱ ନେଇପାରିବେ ବୋଲି କହିଥିଲେ।

Nayagarh

## ବିଶ୍ୱଶାନ୍ତି ମହାଯଜ୍ଞ ବୈଠକ

ନୟାଗଡ଼ଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଣିଆଁ ବ୍ଲକ ମଣିଭଦ୍ରାଠାରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମହାଯଜ୍ଞ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରାଯିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା।

HS

## ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଶୁଷ୍କ ଥଣ୍ଡା ପବନ ପ୍ରଭାବରେ ରାଜ୍ୟରେ ଗତ ଦୁଇଦିନ ହେବ ତାପମାତ୍ରା ହ୍ରାସ ପାଇବା ସହ ଶୀତ ଅନୁଭୂତ ହେଉଛି। ବିଭିନ୍ନ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ

ସେଲସିୟସ ତଳେ ରେକର୍ଡ କରାଯାଇଛି । ଆଗାମୀ ଦୁଇଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ହ୍ରାସ ପାଇବ ବୋଲି ସୂଚନା ଦିଆଯାଇଛି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲା ଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।